# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 October – 2025

**********************************

## ମୁଖ୍ୟ ସମ୍ବାଦ

- ଭାରତର ସାମୁଦ୍ରିକ ଦୃଷ୍ଟିକୋଣ ସୁରକ୍ଷା, ସ୍ଥିରତା ଏବଂ ଆତ୍ମନିର୍ଭରଶୀଳତା ଉପରେ ଆଧାରିତ; କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ

— ମୁମ୍ବାଇରେ ଭାରତ ସାମୁଦ୍ରିକ ସପ୍ତାହ-୨୦୨୫ର କଲେ ଉଦ୍‌ଘାଟନ

- ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ମୋନ୍ଥା ଆସନ୍ତାକାଲି ଭୀଷଣ ବାତ୍ୟାର ରୂପ ନେବ

— ରାଜ୍ୟର ୮ଟି ଜିଲ୍ଲାକୁ ଅତି ସତର୍କ ସୂଚନା ଜାରି

— ଶୂନ ଜୀବନହାନୀ ସରକାରଙ୍କ ଲକ୍ଷ୍ୟ କହିଲେ, ରାଜସ୍ୱ ମନ୍ତ୍ରୀ

ଏବଂ

- ପଦାତିକ ବାହିନୀଙ୍କ ଶୌର୍ଯ୍ୟ, ସାହସର ସ୍ୱୀକୃତି ସ୍ୱରୂପ ଆଜି ପାଳନ କରାଯାଉଛି ଭାରତୀୟ ପଦାତିକ ସୈନ୍ୟବାହିନୀ ଦିବସ

# ଇଣ୍ଡିଆ ମେରିଟାଇମ୍ ୱିକ୍

ଭାରତର ସାମୁଦ୍ରିକ ଦୃଷ୍ଟିକୋଣ ସୁରକ୍ଷା, ସ୍ଥିରତା ଏବଂ ଆତ୍ମନିର୍ଭରଶୀଳତା ଉପରେ ଆଧାରିତ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି। ମୁମ୍ବାଇରେ ଆଜି ଭାରତ ସାମୁଦ୍ରିକ ସପ୍ତାହ-୨୦୨୫କୁ ଉଦ୍‌ଘାଟନ କରି ଶ୍ରୀ ଶାହ କହିଛନ୍ତି, ବିଗତ ବର୍ଷଗୁଡ଼ିକରେ ବ୍ୟାପକ ଢ଼ାଞ୍ଚାଗତ ସଂସ୍କାର କାରଣରୁ ଭାରତ ଏକ ଶକ୍ତିଶାଳୀ ସାମୁଦ୍ରିକ ଶକ୍ତି ଭାବେ ଉଭା ହୋଇଛି ।

ନିବେଶକଙ୍କ ପାଇଁ ଭାରତର ସାମୁଦ୍ରିକ ସାମର୍ଥ୍ୟ ଉପରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ଦେଶରେ ୭ ହଜାର ୫୦୦ କିଲୋମିଟର ଦୀର୍ଘ ଉପକୂଳ, ୧୩ ଉପକୂଳବର୍ତ୍ତୀ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ରହିଛି। ଏଥିସହ ୨୩ଲକ୍ଷ ୭ ହଜାର ବର୍ଗକିଲୋମିଟର ବିଶିଷ୍ଟ ଏକ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍-ଇଇଜେଡ୍ ରହିଛି । ଭାରତ ନିଜର ରଣନୈତିକ ସାମୁଦ୍ରିକ ସ୍ଥିତି, ଗଣତାନ୍ତ୍ରିକ ସ୍ଥିରତା ଏବଂ ଦୃଢ଼ ନୌସେନା ସାମର୍ଥ୍ୟ କାରଣରୁ ଭାରତ-ପ୍ରଶାନ୍ତ ମହସାଗରୀୟ କ୍ଷେତ୍ର ଓ ବିଶ୍ୱ-ଦକ୍ଷିଣ ରାଷ୍ଟ୍ର ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରୁଛି ବୋଲି ଶ୍ରୀ ଶାହ କହିଛନ୍ତି ।

ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି, ଭାରତ ସାମୁଦ୍ରିକ ସପ୍ତାହ ବିଶ୍ୱର ଅନ୍ୟତମ ପ୍ରମୁଖ ସାମୁଦ୍ରିକ ସମାବେଶରେ ପରିଣତ ହୋଇଛି । ଏଥିରେ ୮୫ଟି ଦେଶ, ୫ଶହରୁ ଅଧିକ ପ୍ରଦର୍ଶକ ଏବଂ ୪୦ଟି ଫୋରମ୍ ଅଂଶ ଗ୍ରହଣ କରିଛନ୍ତି ।

ଉଦ୍‌ଘାଟନୀ ଉତ୍ସବରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାଓ୍ୱନ୍ତ, ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ପ୍ରମୁଖ ଯୋଗ ଦେଇଥିଲେ ।

ଭାରତୀୟ ବନ୍ଦର ସଂଘ ସହଭାଗୀତାରେ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ପାଞ୍ଚ ଦିନିଆ କାର୍ଯ୍ୟକ୍ରମରେ ସ୍ଥାୟୀ ସାମୁଦ୍ରିକ ଅଭିବୃଦ୍ଧି, ବାଣିଜ୍ୟ ପ୍ରସାର ଏବଂ ନୀଳ ଅର୍ଥନୀତି ବିକାଶ ପାଇଁ ଭାରତର ଦୃଷ୍ଟିକୋଣ ପ୍ରଦର୍ଶିତ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ବୁଧବାର ଏକ ସ୍ୱତନ୍ତ୍ର ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

## ବାତ୍ୟା ମୋନ୍ଥା

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ମୋନ୍ଥା କାକିନାଡାଠାରୁ ୬୮୦ କିଲୋମିଟର ଓ ଗୋପାଳପୁରରୁ ୭୯୦ କିଲୋମିଟର ଦୂରରେ

ରହିଛି । ଆସନ୍ତାକାଲି ସକାଳ ସୁଦ୍ଧା ଏହା ଭୀଷଣ ବାତ୍ୟାର ରୂପ ନେବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ଶୁଣନ୍ତୁ ବାତ୍ୟା ମୋନ୍ଥା ସମ୍ପର୍କିତ ସ୍ୱତନ୍ତ୍ର ରିପୋର୍ଟ....

ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲା- କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୨୮ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଏବଂ ଅଗ୍ନିଶମ ଟିମ୍ ପ୍ରଭାବିତ ହେବାକୁ ଥିବା ଜିଲ୍ଲାରେ ମୁତୟନ କରାଯାଇଛି । ବର୍ତ୍ତମାନ ସମୟରେ ବିଭିନ୍ନ ଜିଲ୍ଲାରେ ବର୍ଷା ପବନ ଆରମ୍ଭ ହୋଇଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକ ମୁଣ୍ଡୁଳିରୁ ଆଉ ୫ଟି ଏନ୍‌ଡିଆରଏଫ୍ ଟିମ୍ ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲା-ମାଲକାନଗିରି, କୋରାପୁଟ, ଗଜପତି, କନ୍ଧମାଳ ଓ ରାୟଗଡ଼ା ଗସ୍ତ କରିଛନ୍ତି। ବାତ୍ୟା ମୋନ୍ଥାକୁ ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା **ମନୋରମା ମହାନ୍ତି** କହିଛନ୍ତି....

## - V/O - (ମନୋରମା ମହାନ୍ତି)

ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ଆଜି ସ୍ୱତନ୍ତ୍ର ରିଲିଫ୍ କମିଶନର-ଏସ୍‌ଆରସିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜସ୍ୱ ଓ

ବିପର୍ଯ୍ୟୟ ପରିଚାଳନା **ମନ୍ତ୍ରୀ ସୁରେଶ ପୂଜାରୀ** ଅଧ୍ୟକ୍ଷତା କରି କହିଛନ୍ତି, ଶୂନ୍ୟ ଜୀବନହାନୀ ସରକାରଙ୍କ ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ସରକାର ସଜାଗ ଅଛନ୍ତି। ମାଲକାନଗିରି, ଗଜପତି ଓ ଗଞ୍ଜାମରେ ବାତ୍ୟାର ପ୍ରଭାବରେ ବର୍ଷା ଆରମ୍ଭ ହୋଇଛି।

ମାଲକାନଗିରି ଦେଇ ବାତ୍ୟା ଛତିଶଗଡ଼ମୁହାଁ ହେବ। ଏହାର ପ୍ରଭାବରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଥିବାରୁ ଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଛି। ରେଡ୍ ଜୋନ୍‌ରେ ଥିବା ୮ଟି ଜିଲ୍ଲାରେ ୨୦୦ ବାତ୍ୟା ଆଶ୍ରୟସ୍ଥଳି ପ୍ରସ୍ତୁତ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O - (ସୁରେଶ ପୂଜାରୀ)**

ବାତ୍ୟାର ମୁକାବିଲା ପାଇଁ ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଅଂଚଳରେ ଗଛକଟା ମେସିନ୍, କଂକ୍ରିଟ କଟର, ଫାୟାର ବୋଟ୍ ଆଦି ସରଞ୍ଜାମ ସହ ଅଗ୍ନିଶମ ବିଭାଗର ଟିମ୍ ମୁତୟନ ହୋଇଛନ୍ତି।

ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ବନ୍ଦ ରଖାଯାଇଛି ବୋଲି **ସ୍ୱତନ୍ତ୍ର ରିଲିଫ କମିଶନର** ଦେଓରଞ୍ଜନ ସିଂହ କହିଛନ୍ତି।

**- V/O - (ସ୍ୱତନ୍ତ୍ର ରିଲିଫ କମିଶନର)**

ବାତ୍ୟା ମୋନ୍ଥାକୁ ମୁକାବିଲା କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି । ଜନସାଧାରଣଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ବାତ୍ୟା-ନବରଙ୍ଗପୁର

**ନବରଙ୍ଗପୁର**ରେ ବାତ୍ୟା ମୋନ୍ଥାର ପ୍ରଭାବକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ତେନ୍ତୁଳିଖୁଣ୍ଟି ବ୍ଲକ୍ ଖାତିଗୁଡ଼ାଠାରେ ଥିବା ଉପର ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଥିବାରୁ ଯେକୌଣସି ମୁହୂର୍ତ୍ତରେ ଜଳଭଣ୍ଡାରର ଜଳ ନିଷ୍କାସନ କରାଯିବା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର । ସକାଳ ୧୦ଟା ସୁଦ୍ଧା ଜଳସ୍ତର ୬୪୦ ଦଶମିକ ୮/୮ ମିଟର ରହିଥିଲା । ଇନ୍ଦ୍ରାବତୀ ନଦୀର ନିମ୍ନଭାଗରେ ଥିବା ଜନସାଧାରଣଙ୍କୁ ନଦୀଠାରୁ ଦୂରେଇ ରହିବା ପାଇଁ ଡ୍ୟାମ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି ।

**ରାୟଗଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟାର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୧ଟି ବ୍ଲକ୍‌ରେ ଥିବା ୧୨ଟି ଅଗ୍ନିଶମ ବିଭାଗ, ଗୋଟିଏ ଓଡ୍ରାଫ ଟିମ୍ ଏବଂ କଟକରୁ ଯାଇଥିବା ଏନ୍‌ଡିଆରଏଫ୍ ଟିମ୍‌କୁ

ସଜାଗ ରଖାଯାଇଛି । ଜିଲ୍ଲାର ପାହାଡିଆ ଅଞ୍ଚଳରେ ମାଟି ଧସିବା ସମ୍ଭାବନା ଥିବାରୁ ସେହି ଅଂଚଳରେ ଜେସିବି ମେସିନ୍ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ବାତ୍ୟାର ପ୍ରଭାବରେ ଆଜିଠାରୁ **ଗଞ୍ଜାମ** ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଜିଲ୍ଲାପାଳ ସମସ୍ତ ସ୍କୁଲକୁ ଆଜି ଓ ଆସନ୍ତାକାଲି ଛୁଟି ଘୋଷଣା କରିଛନ୍ତି । ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଜନଶୁଣାଣିକୁ ସ୍ଥଗିତ ରଖାଯାଇଛି । ଆଜି ସନ୍ଧ୍ୟା ୫ଟା ସୁଦ୍ଧା ସମସ୍ତ ଉପକୂଳବର୍ତ୍ତୀ ଅଂଚଳରେ ବାସ କରୁଥିବା ଲୋକଙ୍କୁ ସ୍ଥାନାନ୍ତର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପାତ୍ରପୁର ଓ ସୋରଡା ଅଂଚଳରେ ଭୂସ୍ଖଳନର ସମ୍ଭାବନା ଥିବାରୁ ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯିବା ପାଇଁ ଜିଲ୍ଲାପାଳ କହିଛନ୍ତି ।

**ଗଜପତି** ଜିଲ୍ଲାରେ ବାତ୍ୟା ମୋନ୍ଥା ପ୍ରଭାବରେ ବର୍ଷା ଆରମ୍ଭ ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ୯୪୬ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳିକୁ ସ୍ଥାନାନ୍ତର କରିଛି । ସେଥିମଧ୍ୟରେ ୯୧ ଜଣ ଗର୍ଭବତୀ ରହିଛନ୍ତି । ଜିଲ୍ଲାରେ ୧୩୯ଟି ଭୂସ୍ଖଳନ ପ୍ରବଣ ଅଂଚଳ ଚିହ୍ନଟ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ପଦାତିକ ସୈନ୍ୟବାହିନୀ ଦିବସ

ଭାରତୀୟ ପଦାତିକ ବାହିନୀ ଯବାନଙ୍କ ଶୌର୍ଯ୍ୟ, ସାହସ ଏବଂ ଦେଶମାତୃକା ପ୍ରତି ପ୍ରତିବଦ୍ଧତାକୁ ସ୍ୱୀକୃତି ସ୍ୱରୂପ ଆଜି ଭାରତୀୟ

ପଦାତିକ ସୈନ୍ୟ ବାହିନୀ ଦିବସ ପାଳନ କରାଯାଉଛି । ସେନାର ଶିଖ୍ ରେଜିମେଣ୍ଟ୍‌ର ପ୍ରଥମ ବାଟାଲିୟନ୍ ୧୯୪୭ ଅକ୍ଟୋବର ୨୭ ତାରିଖରେ ପାକିସ୍ତାନ ସେନାର ଆକ୍ରମଣକୁ ପ୍ରତିହତ କରି ବିଜୟ ହାସଲ କରିଥିଲା । ଏହାକୁ ସ୍ମରଣ କରି ପ୍ରତିବର୍ଷ ଆଜିର ଦିନରେ ଏହି ଦିବସ ପାଳିତ ହୋଇ ଆସୁଛି ।

## ପିଏନ୍‌ବି ବ୍ୟାଙ୍କ

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ କଟକରେ ଏକ ମେଗା କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ-ଏମ୍‌ଏସ୍‌ଏମ୍‌ଇ, ଖୁଚୁରା ଓ କୃଷି ଆଦି ବିଭାଗକୁ ପ୍ରୋତ୍ସାହିତ କରି ଲଘୁ ତଥା ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସୁବିଧାରେ ଆର୍ଥିକ ସମାଧାନ ସହିତ ସଶକ୍ତ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ବ୍ୟାଙ୍କ ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ପାଇଁ ଋଣ ପ୍ରଦାନରେ ସରଳୀକରଣ ଏବଂ ପ୍ରତିଯୋଗିତାମୂଳକ ସୁଧାର ଉପରେ ପ୍ରାଧାନ୍ୟ ଦେଇ ଏମ୍‌ଏସ୍‌ଏମ୍‌ଇ ଓ କୃଷି କ୍ଷେତ୍ରଗୁଡ଼ିକୁ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଂଚଳିକ ସହାୟକ ମହାପ୍ରବନ୍ଧକଙ୍କ ସମେତ କଟକ ସର୍କଲର ମୁଖ୍ୟ ସୁଜିତ୍ କୁମାର ନେଗୀ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରସ୍ତୁତି ବୈଠକ

**ଗଞ୍ଜାମ** ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମତିଥି ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ବୈଠକରେ ଆସନ୍ତା ୩୧ ତାରିଖରୁ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏକକ ପଦଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ସାଂସ୍କୃତିକ କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲାର ଗଣପର୍ବ କାଳୀପୂଜା ଉପଲକ୍ଷେ ଚରମ୍ପା ପୂର୍ବତଟ ରେଳବାଇ ପରିସରରେ ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତ୍‌ରାୟ ପ୍ରମୁଖ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତି ଓ ଭାସ୍କର୍ଯ୍ୟକୁ ବଞ୍ଚାଇ ରଖିବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିବା ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ।

## ହରିହର ବେଶ

**ପୁରୀ** ଶ୍ରୀମନ୍ଦିରରେ ଆଜି ଅବକାଶ ନୀତି ପରେ ବଡଠାକୁର ହରିହର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ପରମ୍ପରା ଅନୁଯାୟୀ କାର୍ତ୍ତିକମାସରେ ଦୀପାବଳି ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ତିଥିରେ ସୋମବାର ଦିନ ରତ୍ନ ସିଂହାସନରେ ବଡ଼ଠାକୁର ବଳଭଦ୍ରଙ୍କୁ ହରିହର ବେଶ କରାଯିବାର ବିଧି ରହିଛି। ବଡ଼ଠାକୁର ଅଧା ଧଳା ଓ ଅଧା କଳା ବେଶରେ ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। ପୁଷ୍ପାଳକ ସେବକମାନେ ବଡଠାକୁରଙ୍କୁ ହରିହର ବେଶରେ ଏବଂ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶରେ ସଜ୍ଜିତ କରିଛନ୍ତି।